



### ଏକତରଫା ପ୍ରେମର କରୁଣ ପରିଣତି

# ହତ୍ୟାକାରୀ ପ୍ରେମିକକୁ ଆଜୀବନ ଜେଲ୍

ଭୁବନେଶ୍ୱର, ୫।୨(ସମିସ): ଜଣେ ମହିଳାଙ୍କୁ ଏକତରଫା ପ୍ରେମକରି ବିଫଳ ହେବା ପରେ ହତ୍ୟା କରି ହତ୍ୟା କରିଥିଲା ପ୍ରେମିକ। ଏଭଳି ଏକ ଘଟଣାରେ ହତ୍ୟାକାରୀ କାହ୍ନା ଓରଫ ନନ୍ଦ କିଶୋର ଓଝାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହିତ ୫, ୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି ଖୋର୍ଦ୍ଧା ଜିଲ୍ଲା ଦୌରାଜଜ। ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬ ମାସର ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି।

**୨୦୨୪ ମସିହା ଶିଶୁଭବନ ଛକରେ ହୋଇଥିଲା ହତ୍ୟା**



ପୁଲିସ ସୂଚନା ମୁତାବକ, ୨୦୨୪ ମସିହା ଫେବୃଆରୀ ମାସ ୨୭ ତାରିଖରେ କ୍ୟାପିଟାଲ ଥାନା ଅନ୍ତର୍ଗତ ଶିଶୁଭବନ ଛକ ଅଞ୍ଚଳରେ ହୋଇଥିବା ଏକ ଲୋମହର୍ଷଣକାରୀ ହତ୍ୟା ମାମଲାର ବିଚାର କରି ଆସାମୀ କାହ୍ନା ଓରଫ ନନ୍ଦ କିଶୋର ଓଝାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ଅଦାଲତ। ଉଲ୍ଲେଖଯୋଗ୍ୟ ଯେ, ଅଭିଯୋଗକାରୀ କୁଞ୍ଜ ବିହାରୀ ଦତ୍ତ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ। ପତ୍ନୀ ଦୀପିକା ରଣଜିତଙ୍କ ସହ ଭୁବନେଶ୍ୱରସ୍ଥିତ ଶିଶୁ ଭବନ ଛକ ନିକଟରେ ଭଡାରେ ରହୁଥିଲେ। ଦୀପିକା ସ୍ୱାମୀ କୁଞ୍ଜ ବିହାରୀଙ୍କ ସହ ଶିଶୁଭବନ ଛକ ନିକଟସ୍ଥ ଝରଣା ବସ୍ତିରେ ରହୁଥିଲେ। ମୋବାଇଲ ଦୋକାନକୁ ଦୀପିକା ବୁଝାସୁଝା କରୁଥିଲେ। ଅଭିଯୁକ୍ତ କାହ୍ନା ଓରଫ ନନ୍ଦ କିଶୋର ଓଝା ବୃତ୍ତିରେ ଜଣେ ବଢେଇ ହୋଇଥିବା ବେଳେ, ସେ କୁଞ୍ଜବିହାରୀଙ୍କ ମୋବାଇଲ ଦୋକାନରେ ହେଉଥିବା କାଠ କାମରେ ନିଯୁକ୍ତ ଥିଲେ। ଘଟଣାର କିଛିଦିନ ପୂର୍ବରୁ କାହ୍ନା ଅଭିଯୋଗକାରୀଙ୍କ ପତ୍ନୀଙ୍କୁ ଏକ ପାଖିଆ ଭଲପାଇ ବସିଥିଲେ। ସେ ଏକାଧିକବାର ଦୀପିକାଙ୍କୁ ପ୍ରେମ ନିବେଦନ କରିଥିଲେ ମଧ୍ୟ ସେ ତାହାକୁ ପ୍ରତ୍ୟାଖ୍ୟାନ କରିଚାଲିଥିଲେ। ଦୀପିକା ଘଟଣା ସମ୍ପର୍କରେ ସ୍ୱାମୀଙ୍କୁ ଜଣାଇବାରୁ ସ୍ୱାମୀ ଅଭିଯୁକ୍ତ କାହ୍ନାକୁ ଭୀଷଣ ଗାଳିଦେବା ସହ ଭବିଷ୍ୟତରେ ସେଭଳି ଭୁଲ ନ କରିବା ଲାଗି ତାଗିଦ କରିଥିଲେ। ଫଳରେ କାହ୍ନା ମନରେ କ୍ରୋଧ ସୃଷ୍ଟି ହୋଇଥିଲା। ଏହିଭଳି ଭାବେ ବାରମ୍ବାର ପ୍ରେମ ନିବେଦନ କରି ହତାଶ ହେବା ସହ ଅଭିଯୋଗକାରୀଙ୍କ ନିକଟରୁ ଗାଳି ଶୁଣିବା ପରେ କାହ୍ନା ପ୍ରତିଶୋଧପରାୟଣ ହୋଇଉଠିଥିଲା। ୨୦୨୪ ମସିହାରେ ଫେବୃଆରୀ ୨୭ ତାରିଖରେ ଦୀପିକା ମୋବାଇଲ ଦୋକାନ ବନ୍ଦ କରି ୩ ବର୍ଷର ଝିଅ ସହ ଘରକୁ ଫେରୁଥିବା ବେଳେ ପୂର୍ବରୁ ଘର ନିକଟସ୍ଥ ଅନ୍ଧାରୁଆ ସ୍ଥାନରେ ଛପି ରହିଥିବା କାହ୍ନା ହଠାତ ଏକ ଧାରୁଆ ଛୁରି ସାହାଯ୍ୟରେ ଦୀପିକାଙ୍କ ପେଟକୁ ଭୁଷି ଦେଇଥିଲେ। ଫଳରେ ଦୀପିକା ଗୁରୁତର ହୋଇ ଘଟଣା ସ୍ଥଳରେ ସଜ୍ଞାହୀନ ହୋଇ ପଡ଼ିଯାଇଥିଲେ। ଏହି ସମୟରେ ଅଭିଯୋଗକାରୀ ଅଶୋକ ନଗରରେ ଥିବା ତାଙ୍କ ମୋବାଇଲ୍ ମରାମତି ଦୋକାନରେ କାମରେ ବ୍ୟସ୍ତ ଥିଲେ। ଫୋନ୍ ମାଧ୍ୟମରେ ସୂଚନା ପାଇ ସେ ତୁରନ୍ତ ଘଟଣାସ୍ଥଳରେ ଯାଇ ପହଞ୍ଚିବା ସହ ପତ୍ନୀ ଦୀପିକାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ ଏବଂ ପରେ ଉନ୍ନତ ଚିକିତ୍ସା ଲାଗି ତାଙ୍କୁ କଟକ ସ୍ଥିତ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଅଭିଯୋଗକାରୀ କୁଞ୍ଜ ବିହାରୀ କ୍ୟାପିଟାଲ ଥାନାରେ କାହ୍ନାଙ୍କ ବିରୋଧରେ ହତ୍ୟା ଅଭିଯୋଗ କରିଥିଲେ। କୁଞ୍ଜବିହାରୀଙ୍କ ଅଭିଯୋଗକୁ ଭିତ୍ତିକରି କ୍ୟାପିଟାଲ ଥାନାରେ ହତ୍ୟା ମାମଲା ରୁଜୁ କରାଯାଇଥିବା ବେଳେ, ଥାନାର ସବଇନ୍ସପେକ୍ଟର ମାନସ ସାହୁ ଏହାର ତଦନ୍ତ ଭାର ଗ୍ରହଣ କରିଥିଲେ। ସେ ଘଟଣା ସ୍ଥଳ ପରିଦର୍ଶନ କରିବା ସହ ମାମଲାକୁ ବିଭିନ୍ନ ଦିଗରୁ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରି କାହ୍ନା ଓରଫ ନନ୍ଦ କିଶୋର ଓଝାଙ୍କୁ ତୁରନ୍ତ ଗିରଫ କରିଥିଲେ।

ମାମଲାର ବିଚାର କାଳରେ ଅଦାଲତ ସରକାରୀ ଓକିଲ ସିପ୍ରାଞ୍ଜଳୀ ସ୍ୱାଇଁ (ଓଏସପିଏସ-୧) ଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ତଥ୍ୟ, ୨୩ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରଯୁଜ୍ୟ ଦସ୍ତାବିଜଗୁଡିକ ଗ୍ରହଣ କରି ସଜା ଶୁଣାଣି କରିବା ସହ ବିଚାର କାର୍ଯ୍ୟ ସମାପ୍ତ କରିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୫।୨(ସମିସ): ମୈତ୍ରୀବିହାର ଥାନା ନାଲକୋ ଛକ ଅଞ୍ଚଳରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଏକ ଗଛରେ ମୃତଦେହ ଝୁଲୁଥିଲା ବେଳେ ପୁଲିସ ଉଦ୍ଧର କରିଛି। ତାଙ୍କ ଘର କେନ୍ଦୁଝର ଅଞ୍ଚଳରେ। ସେ ରାଜଧାନୀରେ ରହି କାମ କରୁଥିଲେ। ତେବେ ଯୁବକଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳିପାରି ନାହିଁ। ପୁଲିସ ସୂଚନା ମୁତାବକ, ନେକ୍ସା ଗାଡି ସୋ ରୁମ୍ ନିକଟରେ ଏକ ଗଛ ରହିଛି। ସନ୍ଧ୍ୟା ସମୟରେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ଖବରପାଇ ପୁଲିସ ଶବ ଉଦ୍ଧାର କରିଛି। ଏହା ହତ୍ୟା କିମ୍ବା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇ ପରି ନାହିଁ। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ପରିବାର ଲୋକଙ୍କୁ ଖବର ଦିଆଯାଇଛି ପୁଲିସ ପକ୍ଷରୁ କୁହାଯାଇଛି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ନନ୍ଦନକାନନ, ୫।୨(ସମିସ): ମଞ୍ଚେଶ୍ୱର ଥାନା ଟାଙ୍ଗିବନ୍ତ ଗ୍ରାମର ଜିତେନ୍ଦ୍ର ଭୋଇ, ବୟସ ୩୭ ନାମକ ଜଣେ ଯୁବକ ଅଜଣା ଗାଡି ଧକ୍କାରେ ମୃତ ହୋଇଥିବା ସୂଚନା ମିଳିଛି। ମୃତ ଜିତୁଙ୍କ ପରିବାର ଲୋକଙ୍କ କହିବା ଅନୁସାରେ ସବୁଦିନ ଭଳି ଗତକାଲି ବୁଧବାର ଜିତୁ ପଟିଆ ଅଞ୍ଚଳରେ ଥିବା ଏକ ଫର୍ନିଚର ଦୋକାନକୁ କାମ କରିବାକୁ ଯାଇଥିଲେ। ହେଲେ କାଲି ଫେରି ନ ଥିଲେ। ଆଜି ସକାଳୁ ଜାଣିବାକୁ ପାଇଥିଲେକି ତାଙ୍କର ବୁଡୁନଈ ନିକଟ କଳାରାହାଙ୍ଗ ଗ୍ରାମମୁଣ୍ଡରେ ହନୁମାନ ମନ୍ଦିର ଛକଠାରେ କୌଣସି ଏକ ଅଜଣା ଗାଡି ଧକ୍କାରେ ପଡ଼ିଥିଲେ। ବୁଧବାର ରାତି ୨ଟା ସୁଦ୍ଧା ପୁଲିସ ପିସିଆର ଓ ଆମ୍ବୁଲାନ୍ସ ଅସି ତାକୁ ୬ନମ୍ବର ହସ୍ପିଟାଲକୁ ନେଇଥିଲେ। ସେଠାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଥିଲା। ଆଜି ଘରଲୋକ କଟକ ବଡ ମେଡିକାଲରେ ପହଞ୍ଚି ଜିତୁର ମରାଶରୀରକୁ ଗ୍ରାମକୁ ଆଣିଥିଲେ। ଜିତୁ ବିବାହିତ ହୋଇଥିବା ବେଳେ ଘରେ ତାର ସ୍ତ୍ରୀ ଓ ଛୋଟ ଛୋଟ ଦୁଇ ଝିଅ ଅଛନ୍ତି।

## ନିଆଁରେ ପୋଡ଼ିହୋଇ ମହିଳା ମୃତ

ଯାଁଳା, ୫।୨(ସମିସ): ଶୀତ ଯୋଗୁଁ ଘରର ବାହାରେ ନିଆଁ ପୋଉଁଥିବା ବେଳେ ହଠାତ୍ ଅସାବଧାନତା ଯୋଗୁଁ ଶାଢ଼ିରେ ନିଆଁ ଲାଗିଯିବାରୁ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତରେ ରହୁଥିବା ସ୍ୱର୍ଗତ କାଶୀନାଥ ସେଠୀଙ୍କ ସ୍ତ୍ରୀ ସୁବାସିନୀ (୭୦)ଙ୍କ ମୃତ୍ୟୁ ଘଟିଛି।

ଖବର ନେବାରୁ ଜଣାପଡ଼ିଛି ଯେ, ଗତ ଜାନୁଆରୀ ୭ ତାରିଖ ରାତି ୧୦ଟା ସମୟରେ ସୁବାସିନୀ ନିଆଁ ପୋଉଁଥିବା ବେଳେ ନିଆଁ ତାଙ୍କ ଶାଢ଼ିରେ ଲାଗି ଯାଇଥିଲା। ନିଜକୁ ରକ୍ଷା କରିବାକୁ ଯାଇ ସେ ଶାଢିଟିକୁ ତୁରନ୍ତ ଖୋଲି ଫୋପାଡି ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ପିନ୍ଧିଥିବା ସାହିଆର ଗଣ୍ଠି ପଡ଼ିଯିବାରୁ ତାଙ୍କ ଗୋଡ଼ରୁ ପେଟ ପର୍ଯ୍ୟନ୍ତ ପୋଡି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଏମ୍ସ ହସ୍‌ପିଟାଲ ନେଇଯାଇଥିଲେ। ସେଠାରେ କିଛିଦିନ ଚିକିତ୍ସା ହେଲାପରେ ବୃଦ୍ଧା ମହିଳାଙ୍କ ଦେହ ଅଧିକ ଅସୁସ୍ଥ ହେବାରୁ ପୁଣି ସେ ଏକ ଘରୋଇ ହସ୍ପିଟାଲ ରେ ଭର୍ତ୍ତି କରିଥିଲେ। ସେଠାରେ ମଧ୍ୟ ବୃଦ୍ଧା ମହିଳାଙ୍କର ଦେହ ଅଧିକ ଅସୁସ୍ଥ ହେବାରୁ ପୁଣି ଅନ୍ୟ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତିକରି ଥିଲେ। ଗତକାଲି ବୃଦ୍ଧା ମହିଳାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

## ୧୦୮ ଗ୍ରାମ୍ ବ୍ରାଉନ୍‌ସୁଗର୍ ଜବତ; ୨ ଗିରଫ

ଭୁବନେଶ୍ୱର, ୫।୨(ସମିସ): ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ ଅବକାରୀ ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ବୟସ୍କା ମହିଳା ଉଜ୍ଜଳା ଦାସ ଏବଂ ଜଣେ ଯୁବକ ସୋମନାଥ ବେହେରା ରହିଛନ୍ତି। ଏମାନେ ଚକେଇସିଆଣୀ ଅଞ୍ଚଳରେ ବ୍ରାଉନ୍‌ସୁଗର ବ୍ୟବସାୟ କରୁଥିଲେ। ସେମାନଙ୍କ ଠାରୁ ୧୦୮ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରାଯାଇଛି। ଯାହା ମୂଲ୍ୟ ୧୦ଲକ୍ଷ ୮୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଉଛି।

# ରାଜରାସ୍ତାରେ ନିଶାସକ୍ତ ଅଟୋ ଚାଳକଙ୍କ ହାଇଡ୍ରାମା

ଭୁବନେଶ୍ୱର, ୫।୨(ସମିସ): ନିଶାସକ୍ତ ଅଟୋ ଚାଳକଙ୍କ ହାଇଡ୍ରାମା। ଅଟୋ ଚାଳକ ଲୋକଙ୍କୁ ପାଣି ପିଆଇବା ସହ ପୁଲିସକୁ ନାକେଦମ୍ କରିଛନ୍ତି। ଗୁରୁବାର ଭୁବନେଶ୍ୱର ସତ୍ୟନଗରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୧ ସାମ୍ନା ଜନପଥରେ ଦିନ ପ୍ରାୟ ୧୨ଟା ବେଳେ ଏହି ଘଟଣା ଘଟିଛି। ଡ୍ରାଇଭର ଜଣକ ନିଶାସକ୍ତ ଅବସ୍ଥାରେ ନିଜ ଅଟୋକୁ ଦୁର୍ଘଟଣା ଘଟାଇ ଅଧଘଣ୍ଟା ଧରି ଉନ୍ମତ୍ତ କାଣ୍ଡ ଘଟାଇଛନ୍ତି। ସ୍କୁଲ ସାମ୍ନାରେ ସ୍ଥାନୀୟ ଲୋକ, ପଥଚାରୀ ଏବଂ ଅନ୍ୟ ଗାଡ଼ିଚାଳକ ମାନଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ବାହୁବଳୀ ଭାବେ ଓଲଟିପଡ଼ିଥିବା ନିଜ ଅଟୋକୁ ନିଜେ ଶକ୍ତି ଲଗାଇ ସେ ପୁଣି ଛିଡାକରି ଦେଇଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ଅଧିକ ଚର୍ଚ୍ଚା ସୃଷ୍ଟି କରିଛି। ଘଟଣାସ୍ଥଳରେ ଖାରବେଳନଗର ଥାନା ପୁଲିସ ଟିମ୍ ପହଞ୍ଚି ସମ୍ପୃକ୍ତ ଚାଳକଙ୍କୁ ନେଇଯାଇଛନ୍ତି। ତେବେ ଚାଳକ ଜଣକ ଏତେ ନିଶାସକ୍ତ ଅବସ୍ଥାରେ ଅଛନ୍ତି ଯେ, ସେ ନିଜ ପରିଚୟ ମଧ୍ୟ ଠିକ ଭାବେ କହିପାରୁନାହାନ୍ତି। ପୁଲିସ ତାଙ୍କୁ ଥାନାରେ ଅଟକ ରଖି ତାଙ୍କ ପ୍ରକୃତ ପରିଚୟ ଏବଂ ଠିକଣା ବାବଦରେ ଯାଞ୍ଚ କରୁଛି। ତେବେ ସବୁଠୁ ବଡକଥା ହେଲା, ତାଙ୍କ ଅଟୋରେ କୌଣସି ଯାତ୍ରୀ ନ ଥିବା ବେଳେ ଏହି ଘଟଣା ଘଟିଛି।



ଯାତ୍ରୀ ନ ଥିବାରୁ ଏକ ସମ୍ଭାବ୍ୟ ବଡ଼ ଅଘଟଣ ଟଳିଯାଇଛି।

ନାକେଦମ୍ ହେଲା ପୁଲିସ ଅଟୋ ଚାଳକ ଜଣକ ଜନପଥର ଶ୍ରୀୟା ଛକ ପାର୍ଶ୍ୱରୁ ରୁପାଲି ଛକ ଅଭିମୁଖେ ଦ୍ରୁତଗତିରେ ଆସୁଥିଲେ। ସେ କେନ୍ଦ୍ରୀୟ ବିଦ୍ୟାଳୟ ସାମ୍ନାରେ ଅଟୋକୁ ଚାରି ଘେରା ବୁଲାଇଦେଇଥିଲେ। ଏହାପରେ ଭାରସାମ୍ୟ ହରାଇ ଅଟୋଟିକୁ ଓଲଟାଇଦେଇଥିଲେ। ଏହା ଦେଖି ସ୍ଥାନୀୟ ଲୋକମାନେ ଚକିତ ହୋଇଯାଇଥିଲେ। ସେପଟେ ମଦ୍ୟପ ଚାଳକ ଜଣକ ଅଟୋରୁ ବାହାରି ଆସିଥିଲେ। ସେ ସାର୍ଟ ବାହାର କରି ସମ୍ପୂର୍ଣ୍ଣ ଖୋଲା ଦେହରେ ଉତ୍ପାତ କରିଥିଲେ। ଲୋକମାନଙ୍କୁ ଗାଳିଗୁଲଜ କରିବା ସହ ଏଣୁତେଣୁ ଯୁକ୍ତି କରିଥିଲେ। ଲୋକମାନେ ଏହାର ଭିଡିଓ କରିବାରୁ ସେ ଅଧିକ ଚିଡିଯାଇଥିଲେ। ଏପରିକି ନିଜ ପ୍ୟାଣ୍ଟକୁ ମଧ୍ୟ ଓହ୍ଲାଇବାକୁ ଚେଷ୍ଟା କରିଥିଲେ। ପରେ ସେ ନିଜ ଅଟୋକୁ ଠେଲି ଠିଆ କରିଦେଇଥିଲେ। ଖବର ପାଇ ପିସିଆର୍ ଟିମ ପହଞ୍ଚି ମଦ୍ୟପ ଅଟୋ ଚାଳକଙ୍କୁ କାବୁ କରିବାକୁ ନାକେଦମ ହୋଇଥିଲେ। ପୁଲିସ ଦଳ ତାଙ୍କୁ ବୁଝାଇ ଥାନାକୁ ନେଇଥିଲା। ଘଟଣା ପାଇଁ କିଛି ସମୟ ଜନପଥରେ ଟ୍ରାଫିକ୍ ଜାମ ହୋଇଥିଲା।

## ବାଲିଅନ୍ତା ପଞ୍ଚାୟତ ସମିତି ଅବସ୍ଥା ଶୋଚନୀୟ

# ବର୍ଷକରେ ୩ ବିଡିଓଙ୍କ ବଦଳି

ହଂସପାଳ, ୫।୨(ସମିସ): ବାଲିଅନ୍ତା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମଣ୍ଡଳ ଉନ୍ନୟନ ଅଧିକାରୀ ଙ୍କ ବାରମ୍ବାର ବଦଳି କୁ ନେଇ ଅସନ୍ତୋଷ ବ୍ୟକ୍ତ କଲେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ। ସୂଚନା ଅନୁସାରେ ଟଙ୍କପାଣି ମନ୍ଦିର ର ପାରିପାର୍ଶ୍ୱ ଉନ୍ନତିକରଣର ଶୁଭ ଉଦ୍ଘାଟନ ପାଇଁ ପହଞ୍ଚିଥିଲେ ବିଧାୟକ ନବ କିଶୋର ମଲ୍ଲିକ। ସେଠାରେ ପହଞ୍ଚିବା କ୍ଷଣି ସ୍ଥାନୀୟ ଯୁବକ ମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ଅଞ୍ଚଳର ଉନ୍ନତିମୂଳକ କାର୍ଯ୍ୟ ନେଇ ନିଜ ଅଭିଭାଷଣ ରଖିଥିଲେ। ବାଲିଅନ୍ତା ପଞ୍ଚାୟତ ସମିତିରେ ଏହି ବର୍ଷକ ମଧ୍ୟରେ ୩ ଥର ବିଡିଓଙ୍କ ବଦଳି ହୋଇସାରିଲାଣି। ଆବଶ୍ୟକ ଅନୁଯାୟୀ ବିଭାଗୀୟ ଅଧିକାରୀ ଙ୍କ ପଦବୀ ମଧ୍ୟ ଖାଲି ପଡ଼ିଛି। ମୁଖ୍ୟ ସହକାରୀ ଯନ୍ତ୍ରୀଙ୍କ ବଦଳି ପରେ ତାଙ୍କ ସ୍ଥାନ ଖାଲି ପଡ଼ିଛି। ଅନ୍ୟପଟେ କନିଷ୍ଠ ଯନ୍ତ୍ରୀ ଙ୍କ ସଂଖ୍ୟା କମ ଥିବାରୁ ଉନ୍ନତି ମୂଳକ କାର୍ଯ୍ୟରେ ସମ୍ପୂର୍ଣ ବାଧା ସୃଷ୍ଟି କରୁଅଛି।ଏଥିପ୍ରତି ସରକାର ଦୃଷ୍ଟି ଦେବା ପାଇଁ ବର୍ଷିଛନ୍ତି ବିଧାୟକ ନବ କିଶୋର ମଲ୍ଲିକ। ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ବ୍ଲକ ବିଜେଡି ସଭାପତି ପ୍ରଦୀପ ଜେନାମଣି, ଛାତ୍ର ବିଜେଡି ସଭାପତି ବ୍ରହ୍ମଲାଭ ହରିଚନ୍ଦନ, ସମାଜ ସେବୀ ଜୟୀରାମ ସ୍ୱାଇଁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ଅଣ-ଆନୁଷ୍ଠାନିକ ଶିକ୍ଷକଙ୍କୁ ନିୟମିତ କରିବାକୁ ଦାବି

ଭୁବନେଶ୍ୱର, ୫।୨(ସମିସ): ପୂର୍ବରୁ ଅଣ ଆନୁଷ୍ଠାନିକ ଶିକ୍ଷକ ଭାବେ କାର୍ଯ୍ୟ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଯୋଜନା ବନ୍ଦ ହେବା ପରେ ଏନ୍‌ଏଫ୍‌ଇ ଶିକ୍ଷକ ଭାବେ କାର୍ଯ୍ୟ ତୁଲାଇଛନ୍ତି। ତନ୍ମଧ୍ୟରୁ ବହୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ୨୦୦୮ ରେ ଗଣ ଶିକ୍ଷକ ଭାବେ ନିଯୁକ୍ତ କରାଗଲା। ମାତ୍ର କିଛି ସ୍ଥାନରେ ସେହି ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଉପେକ୍ଷା କରି ତାଙ୍କ ସ୍ଥାନରେ ଅନ୍ୟ ପିଲାଙ୍କୁ ନିଯୁକ୍ତି ଦିଆଗଲା। ଫଳରେ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବଞ୍ଚିତ ରହିଥିବା ପ୍ରାୟ ୫ ହଜାର ଶିକ୍ଷକଙ୍କୁ ଗଣ ଶିକ୍ଷକ ଭାବେ ନିଯୁକ୍ତ କରିବା ପାଇଁ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି। ସରକାରଙ୍କ ସହିତ ଦୀର୍ଘ ଦିନ ଧରି ଆଲୋଚନା ଚାଲିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ଏଣୁ ସେମାନଙ୍କ ଦାବିକୁ ବିଚାର କରି ତ୍ୱରିତ ସେମାନଙ୍କୁ ଶିକ୍ଷାଦାନ କରିବାକୁ ଅନୁମତି ପ୍ରଦାନ କରିବାକୁ ଦାବି କରିଛନ୍ତି।

## ଭିଡ଼କୁ ଦୂର ପାଇଁ ଟ୍ରେନ୍‌ରେ ଅସ୍ଥାୟୀ ଅତିରିକ୍ତ କୋଚ

ଭୁବନେଶ୍ୱର, ୫।୨(ସମିସ):ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ପରିଚାଳନା କରିବା ଏବଂ ଅଧିକ ଯାତ୍ରା ଆରାମ ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳପଥ କିଛି ଏକ୍ସପ୍ରେସ୍ ଟ୍ରେନ୍‌ରେ ଅସ୍ଥାୟୀ ଭାବରେ କୋଚ୍ ବୃଦ୍ଧି କରିଛି। କାମାକ୍ଷା-ପୁରୀ ଏକ୍ସପ୍ରେସ (ଟ୍ରେନ୍ ନମ୍ବର ୧୫୬୪୦) ପାଇଁ, ୧ ଫେବୃଆରୀରୁ ୨୬ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର୍ ଶ୍ରେଣୀ କୋଚ୍ ସଂଯୋଗ କରାଯିବ, ଯାହା ଅଧିକ ଚାହିଦା ସମୟରେ ଅତିରିକ୍ତ ଆରାମ ପ୍ରଦାନ କରିବ । ସେହିପରି, ପୁରୀ-କାମାକ୍ଷା ଏକ୍ସପ୍ରେସ (ଟ୍ରେନ୍ ନମ୍ବର ୧୫୬୩୯) ରେ, ୩ ଫେବୃଆରୀରୁ ୨୮ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର୍ ଶ୍ରେଣୀ କୋଚ୍ ସଂଯୋଗ କରାଯିବ ।କାମାକ୍ଷା-ପୁରୀ ଏକ୍ସପ୍ରେସ (ଟ୍ରେନ୍ ନମ୍ବର ୧୫୬୪୪) ରେ, ୫ ଫେବୃଆରୀରୁ ୩୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର୍ ଶ୍ରେଣୀ କୋଚ୍ ସଂଯୋଗ କରାଯିବ ।ସେହିପରି, ପୁରୀ-କାମାକ୍ଷା ଏକ୍ସପ୍ରେସ (ଟ୍ରେନ୍ ନମ୍ବର ୧୫୬୪୩) ରେ, ୭ ଫେବୃଆରୀରୁ ୨ ମଇ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର୍ ଶ୍ରେଣୀ କୋଚ୍ ସଂଯୋଗ କରାଯିବ। ଶ୍ରୀ ଗଙ୍ଗାନଗର-ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସ (ଟ୍ରେନ୍ ନମ୍ବର ୨୦୪୭୧) ରେ, ୧ ରୁ ୨୨ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର୍ ଶ୍ରେଣୀ କୋଚ୍ ସଂଯୋଗ କରାଯିବ। ସେହିପରି, ପୁରୀ- ଶ୍ରୀ ଗଙ୍ଗାନଗର ସୁପର ଫାଷ୍ଟ ଏକ୍ସପ୍ରେସ (ଟ୍ରେନ ନମ୍ବର ୨୦୪୭୨) ରେ, ୪ ରୁ ୨୫ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର ଶ୍ରେଣୀ କୋଚ୍ ସଂଯୋଗ କରାଯିବ।

## ୧୮ ଦେଶର ଭୋଇ ସମାଜ ସର୍ଦ୍ଦାର ବେହେରାଙ୍କ ପରଲୋକ

ବାଲିଅନ୍ତା, ୫।୨(ସମିସ): ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକର ଉମାଦେଇ ବ୍ରହ୍ମପୁର ଗ୍ରାମ ପଞ୍ଚାୟତର ହୀରାପୁର ସାହାବାଜ ଭୋଇ ସାହିର ବରିଷ୍ଠ ମୁରବି ତଥା ଆଞ୍ଚଳିକ ୧୮ ଦେଶର ଭୋଇ ସମାଜର ସର୍ଦ୍ଦାର ବେହେରା ଭାବେ ପରିଚିତ ଦ୍ୱିଜବର ଭୋଇଙ୍କର ୯୪ ବର୍ଷ ବୟସରେ ତାଙ୍କ ବାସଭବନରେ ଦେହାନ୍ତ ହୋଇଯାଇଛି। ଶେଷ ସମୟରେ ତାଙ୍କର ଏକ ମାତ୍ର ପୁତ୍ର ସନ୍ତୋଷ ଭୋଇ, ବୋହୂ ମିନ ଭୋଇ, ନାତି ଶ୍ରୀକୁମାର ଆଶୁତୋଷ ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଜନିତ କାରଣରୁ ଶଯ୍ୟାଶାୟୀ ଥିଲେ।

### ଜାତୀୟ ନାଟ୍ୟ ପର୍ବର ତୃତୀୟ ଦିବସ

# ବଙ୍ଗାଳୀ ନାଟକ 'ମିତାଳି' ମଞ୍ଚସ୍ଥ




ଭୁବନେଶ୍ୱର, ୫।୨(ସମିସ): ଇଣ୍ଟରନେସନାଲ୍ ଥିଏଟର ପକ୍ଷରୁ ୫୧ତମ ଜୟନ୍ତୀ ଅବସରରେ ଜାତୀୟ ନାଟ୍ୟ ପର୍ବର ତୃତୀୟ ଦିବସରେ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ପୂର୍ବାହ୍ଣରେ 'ନାଟକ ମାଧ୍ୟମରେ ସାମାଜିକ ସଂସ୍କାର' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ହୋଲିଫୋରନୋନ, ଗୌତମ ହାଲଦାର, ଦ୍ୟୁତି ଘୋଷ ହାଲଦାର, ଲଲାଟେନ୍ଦୁ ରଥ, ଫକୀର ମୋହନ ପ୍ରମୁଖ ଉପସ୍ଥିତ ରହି ଏହି ଆଲୋଚନାଚକ୍ରରେ ମତ ପୋଷଣ କରିଥିଲେ। ଏହି ଆଲୋଚନାଚକ୍ରକୁ ଅନୁଷ୍ଠାନର ନିର୍ଦ୍ଦେଶକ ମିହିର ମେହେର ସ୍ୱାଗତ ଭାଷଣ ଦେଇଥିବା ବେଳେ ନାଟ୍ୟକାର ସୁବୋଧ ପଟ୍ଟନାୟକ ସଂଯୋଜନା କରିଥିଲେ। ଏହିପରି ସନ୍ଧ୍ୟାରେ ବଙ୍ଗାଳୀ ନାଟକ 'ମିତାଲୀ' ମଞ୍ଚସ୍ଥ ହୋଇଥିଲା। ଏହି ନାଟକରେ କୌଣସି ଏକ ସହରର କିମ୍ବା ପରିଚିତ ବିହୀନ ଏକ ଏକାକୀ ପୁରୁଷ ରାତିବେଳେ ସହରର ରାସ୍ତାରେ ଘୁରୁଥାଏ। ଯେଉଁଠି ସେ ପ୍ରତ୍ୟେକ ଗଳିକୋଣ ଓ ଅଟ୍ଟାଳିକାକୁ ନିଜ କଳ୍ପନାରେ ଚରିତ୍ରର ରୂପ ଦେଇ ଜୀବନ୍ତ କରିଦିଏ। ସେ ଏହି ଭ୍ରମଣ ମାଧ୍ୟମରେ ଏକ ଅଭିଜ୍ଞତାର ସାମ୍ନା କରେ। ଏମିତି ରାତିରେ ବୁଲିବା ସମୟରେ ସେ ଭେଟେ ଜଣେ କାନ୍ଦୁଥିବା ନାରୀଙ୍କୁ। ଯାହାର ନା ଥିଲା ମିତାଲି। ଏମିତି ଭେଟ ପରେ ଦୁହିଁଙ୍କ ଭିତରେ ଗଢ଼ି ଉଠେ ମିତ୍ରତା ଓ ପରେ ପ୍ରେମ। ଏମିତି ଏକ ପ୍ରେମ ଓ ଏକାକୀତ୍ୱର ଏକ ହୃଦୟସ୍ପର୍ଶୀ କାହାଣୀକୁ ନେଇ ମଞ୍ଚସ୍ଥ ହେଇଛି ବଙ୍ଗାଳୀ ନାଟକ 'ମିତାଲୀ'। ଗୌତମ୍ ହାଲ୍?ଦାରଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକରେ କୋଲ୍‌କାତାର ନୟେନାଟୁଆ ନାଟ୍ୟ ଦଳର କଳାକାରମାନେ କାହାଣୀକୁ ସୁନ୍ଦର ଭାବରେ ଦର୍ଶକଙ୍କୁ ଭେଟି ଦେଇଥିଲେ। କାର୍ଯ୍ୟକ୍ରମରେ ନାଟ୍ୟକାର ଡ. ମାୟା ଦାସ, ନାଟ୍ୟ ନିର୍ଦ୍ଦେଶକ ଲାଲା ବୀରେନ ରାୟ, ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, କବି ରକ୍ଷକ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବେଲଜିଅମ ନାଟ୍ୟକାର ଓଲିଭର୍ ନୋନନ୍, ମଞ୍ଚ ଅଭିନେତା ଉପେନ୍ଦ୍ର ପତିଙ୍କୁ ଆଇଟି ନାଟ୍ୟ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସେହପରି ଖବରଦାତା ସ୍ୱାଗତିକା ସାହୁ ଓ ରଞ୍ଜନା ନାୟକଙ୍କୁ ଆଇଟି ସମ୍ବାଦିକ ସମ୍ମାନରେ ସମ୍ମାନୀତ କରାଯାଇଥିଲ। ଅନ୍ୟତମ ଅତିଥି ଭାବରେ ଅନୁଷ୍ଠାନର ନିର୍ଦ୍ଦେଶକ ମିହିର ମେହେରଙ୍କ ଓ ସମ୍ପାଦକ ସୁରେଶ କୁମାର ନାୟକ ଉପସ୍ଥିତ ଥିଲେ।

# ରାଜଧାନୀରେ ଗଡୁଛି ମାଲମାଲ ବେନମ୍ବରୀ ହାଇୱା

ଭୁବନେଶ୍ୱର, ୫।୨(ସମିସ): ରାଜଧାନୀ ରାସ୍ତାରେ ଗଡୁଛି ଶହଶହ ସଂଖ୍ୟାରେ ନମ୍ବର ବିହୀନ ହାଇୱା। ଅଧିକାଂଶ ହାଇୱାର ନମ୍ବର ନାହିଁ। କିଏ ନମ୍ବର ପ୍ଲେଟ୍ ଲଗାଇ ନାହିଁ। କାହାର ନମ୍ବର ଆଂଶିକ ଲିଭି ଯାଇଛି। ଆଉ କିଛି ଗାଡିର ମାଲିକମାନେ ନିଜର ଗାଡି କିଣିବା ଦିନ ଠାରୁ ହିଁ ନମ୍ବର ଲେଖିବାକୁ ଭୁଲି ଯାଇଛନ୍ତି। ବେପରୁଆ ଗାଡି ଚାଳନା ସହ ଅପରାଧ ଘଟାଇବା, ଲଘୁ ଖଣିଜ ଚୋରା ଚାଲାଣ କରି ରାଜଧାନୀବାସୀଙ୍କ ପାଇଁ ବିପଦ ସୃଷ୍ଟି କରୁଛନ୍ତି। ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ହାଇୱା ରାଜରାସ୍ତାରେ ନିୟମିତ ଭାବେ ଚଳାଚଳ କରୁଥିଲା ବେଳେ ପୁଲିସ କିମ୍ବା ପରିବହନ ବିଭାଗ ଏମାନଙ୍କୁ ଖୋଲା ଛୁଟ୍ ଦେଇ ଚାଲିଛନ୍ତି।

ହାଇୱା ଚାଳକଙ୍କ କବଜାରେ ରହୁଛି ରାତିର ରାଜଧାନୀ। ସାଧାରଣ ନିୟମକୁ ଏମାନେ ମାନୁନାହାନ୍ତି। ହାଇୱା ଚାଳକ ନିଜ ଇଚ୍ଛାରେ ଯେଉଁ ନିୟମ କରିବେ ତାହା ହିଁ ନିୟମ ହୋଇଛି। ଦ୍ରୁତ ଗତିରେ ଗାଡ଼ି ଚାଳନା କରୁଛନ୍ତି। କିଏ ବିନା ଲାଇଟ୍‌ରେ ହାଇୱା ଚାଳନା କରୁଛି। କିଏ ଏନ୍‌ଏଚ୍‌ରେ ବି ରଙ୍ଗ୍ ରୁଟ୍‌ରେ ହାଇୱା ଚଳାଉଛି। ରାସ୍ତା ଉପରେ ଗାଡି ପାର୍କିଂ କରି ବିରଳ ଉଦାହରଣ



ସୃଷ୍ଟି କରୁଛନ୍ତି। ଲଘୁ ଖଣିଜ ବାଲି, ଗୋଡି ଓ ମୋହରମ୍ ପରିବହନ କରୁଥିଲେ ଦରିପାଲ ଟଣା ନିୟମ ବୋଲି କିଛି ଅଛି ଏମାନେ ଭୁଲି ଗଲେଣି। ଏମାନଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ହାଇୱାଗୁଡ଼ିକ ଲୋକଙ୍କ ଉପରେ ଚଢାଇ ସିଧା ଫେରାର ହୋଇଯାଉଛନ୍ତି। ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତି କିମ୍ବା ରାସ୍ତାରେ ଲାଗିଥିବା ୫ଶହରୁ ଉର୍ଦ୍ଧ୍ୱ କ୍ୟାମେରା ଏମାନଙ୍କ ନମ୍ବରକୁ କଏଦ କରି ପାରୁନାହିଁ। ଥାନାରେ ନମ୍ବର ବିହୀନ ହାଇୱା ବିରୋଧରେ ଏତଲା ଦେଲେ କାର୍ଯ୍ୟାନୁଷ୍ଠାନର ଆଶା ମଉଳି ଯାଉଛି।

ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଏହି ନମ୍ବର ବିହୀନ ହାଇୱାରେ ବାଲି, ଗୋଡି ଭଳି ଲଘୁ ଖଣିଜର ଚୋରା ଚାଲାଣ ହେଉଛି। ଏଗୁଡ଼ିକ କୌଣସି କ୍ୟାମେରାରେ କଏଦ ହେବ ନାହିଁ। ଯାହାଫଳରେ ଏମାନେ ଅନାୟାଶରେ ଲଘୁ ଖଣିଜ ଚୋରା ଚାଲଣ କରିପାରିବେ। ଏହା ବ୍ୟତିତ କିଛି ହାଇୱାର କାଗଜପତ୍ର ଯେପରିକି ବିମା, ଆର୍‌ସି ନାହିଁ। ମାଲିକଙ୍କୁ ଟିକସ ଫାଙ୍କିବାକୁ ସୁବିଧା ହୁଏ। ଏଣୁ ପ୍ରଶାସନକୁ ଏମାନେ ଚକମା ଦେବାକୁ ଏଭଳି କରିଥାନ୍ତି।

କୌଣସି ବି ଗାଡିରେ ନମ୍ବର ଲଗାଇବା ବାଧ୍ୟତାମୂଳକ। ନ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା କଥା। କିନ୍ତୁ ପୁଲିସ କିମ୍ବା ପରିବହନ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହେଉଛି। ସତ୍ୟବିହାର ବାସିନ୍ଦା ଅରୂପା ନନ୍ଦ ସାହୁ କହିଛନ୍ତି ପୁଲିସ କିମ୍ବା ପରିବହନ ବିଭାଗକୁ ଆଉ କୁଆଡେ ଯାଞ୍ଚ କରିବା ଆବଶ୍ୟକ ନାହିଁ। କେବଳ ହଂସପାଳରୁ ସତ୍ୟବିହାର ମଧ୍ୟରେ ଛିଡା ହେଲେ ବାଲିଘାଟକୁ ଆସୁଥିବା ଦୈନିକ ଶହ ଶହ ସଂଖ୍ୟକ ନମ୍ବର ବିହୀନ ହାଇୱା ଧରାପଡ଼ିଯିବ। ଏଣୁ ଏହି ହାଇୱା ଚାଳକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

# ଭୁବନେଶ୍ୱର ସିଟି





## ଆଦିବାସୀ ମେଳା ଉଦ୍‌ଯାପିତ

# ୧୧ ଦିନରେ ୪ କୋଟିର ବେପାର




ଭୁବନେଶ୍ୱର, ୫।୨(ସମିସ):ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆଦିବାସୀ ଭାଷା ଓ ସଂସ୍କୃତି ପ୍ରତିଷ୍ଠାନ, ଭୁବନେଶ୍ୱର ଦ୍ୱାରା ୟୁନିଟ-୧ସ୍ଥିତ ଆଦିବାସୀ ପଡ଼ିଆଠାରେ ଗତ ୧୧ ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ଆଦିବାସୀ ମେଳା-୨୦୨୬ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ମେଳାର ସଫଳତା ବିଷୟରେ ସୂଚନା ଦେଇ କହିଛନ୍ତି ଯେ ଚଳିତ ବର୍ଷ ଆଦିବାସୀ ମେଳାରେ ୧୦ ଲକ୍ଷରୁ ଅଧିକ ଜନସମାଗମ ହୋଇଥିବା ବେଳେ ୪ କୋଟି ୨୨ ଲକ୍ଷ ବ୍ୟବସାୟ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଭୋକାଲ୍ ଫର୍ ଲୋକାଲ୍ ସ୍ଲୋଗାନ୍‌କୁ ଆଦିବାସୀ ମେଳା ପ୍ରତିଫଳିତ କରିଛି। ଏହି ମେଳା ଆମକୁ ମନେ ପକାଇଦେଇଛି ଯେ ପ୍ରଗତିର ଅର୍ଥ କେବଳ ଅର୍ଥନୈତିକ ଅଭିବୃଦ୍ଧି ନୁହେଁ, ବରଂ ସଂସ୍କୃତି, ପରିଚୟ ଓ ମାନବିକ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା ମଧ୍ୟ ପ୍ରଗତିର ଅଭିନ୍ନ ଅଂଶ। ଏଥିସହ ଆଦିବାସୀ ସାମଗ୍ରୀ ଓ ଆଦିବାସୀ କୁଡିଆକୁ ବେଶ୍ ପ୍ରଶଂସା କରିବା ସହ ମେଳାର ସଫଳ ଆୟୋଜନ ନିମନ୍ତେ ବିଭାଗର ସମସ୍ତ ଅଧିକାରୀଙ୍କ ପ୍ରଶଂସା କରିଛନ୍ତି ମନ୍ତ୍ରୀ ଶ୍ରୀ ଗଣ୍ଡ। ଉଦ୍‌ଯାପନୀ ସମାରୋହରରେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ବା.ପରମେଶ୍ୱରନ୍‌ଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଗବେଷଣା ପତ୍ରିକା 'ବନଜା' ଓ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ସ୍ମରଣିକା 'ପାହାଚ-୨୦୨୬'କୁ ଅତିଥିମାନେ ଉନ୍ମୋଚନ କରିଛନ୍ତି। ସେହିପରି ୧୦ଜଣ ସଫଳ ଜନଜାତି ଚାଷୀ, କୁଶଳୀ କାରିଗରଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ୩ ଗୋଟି ଶ୍ରେଷ୍ଠ କୁଡ଼ିଆ ଓ ୩ଜଣ ଜନଜାତି କ୍ଷୁଦ୍ର ବ୍ୟବସାୟୀ (ସ୍ୱୟଂ ସହାୟିକା ଗୋଷ୍ଠୀ)ଙ୍କୁ ପୁରସ୍କୃତ କରାଯାଇଛି। ଶେଷରେ ସ୍ୱତନ୍ତ୍ର ଶାସନ ସଚିବ ସୁଜାତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରଜତ ମାନସିଂହ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଉପ-ପରୀକ୍ଷା ନିୟନ୍ତ୍ରକ



ଭୁବନେଶ୍ୱର, ୫।୨ (ସମିସ): ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ନୂତନ ଉପ ପରୀକ୍ଷା ନିୟନ୍ତ୍ରକ ଭାବେ ବରିଷ୍ଠ ସହକାରୀ ପ୍ରାଧ୍ୟାପକ ରଜତ କୁମାର ମାନସିଂହ ନିଯୁକ୍ତ ହୋଇଛନ୍ତି। ଏହାସହ ବିଶ୍ୱବିଦ୍ୟାଳୟର କଲେଜ ଡେଭେଲପମେଣ୍ଟ ଆଣ୍ଡ ଷ୍ଟୁଡେଣ୍ଟ ୱେଲଫେୟାର ବିଭାଗର ଉପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇବେ। ଏନେଇ ବୁଧବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ସେ ଉଚ୍ଚଶିକ୍ଷା ବିଭାଗରେ ଉପ-ନିର୍ଦ୍ଦେଶକ ଭାବେ ସେ କାର୍ଯ୍ୟ କରିଛନ୍ତି। ବିଭିନ୍ନ ଦାୟିତ୍ୱକୁ ସଫଳତାର ସହ ସମ୍ପାଦନ କରି ସାଉଁଟିଥିବା ଅଭିଜ୍ଞତା ପରୀକ୍ଷା ସୁପରିଚାଳନା କରିବାରେ ସହାୟକ ହେବ ବୋଲି ଆଶାପ୍ରକାଶ ପାଇଛି।

## ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ



ଭୁବନେଶ୍ୱର, ୫।୨(ସମିସ): ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ (ମୁଶାଏରା) ଆୟୋଜନ କରାଯାଇଛି। ଏଥିରେ ସିନେ ଅଭିନେତା ଶ୍ରୀତମ୍ ଦାସ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଉର୍ଦ୍ଦୁ କବିମାନେ କବିତା ପାଠ କରିଥିଲେ। ଏଥିସହିତ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ରାଜ୍ୟ ସ୍ତରୀୟ ଉର୍ଦ୍ଦୁ ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଭାଙ୍କୁ ଯଥାକ୍ରମେ ୪, ୦୦୦, ୩, ୫୦୦ ଓ ୩, ୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏଥିସହ 'ଉର୍ଦ୍ଦୁ ଓ ହିନ୍ଦୀ ଗଳ୍ପରେ ନାରୀ ଚରିତ୍ର' ଶୀର୍ଷକ ଜାତୀୟ ସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସଭାପତି ଜନାବ୍ ଖାଲିଦ୍ ରହିମ୍, ଉପ-ସଭାପତି ଜନାବ୍ ନଫିସ୍ ମଞ୍ଜୀର ହସନ୍, ସଚିବ ଶୁଚିସ୍ମିତା ମନ୍ତ୍ରୀ ଉପସ୍ଥିତ ଥିଲେ।

## ଏକାମ୍ର ମହାବିଦ୍ୟାଳୟରେ ମହିଳା ଆତ୍ମରକ୍ଷା ପ୍ରଶିକ୍ଷଣ

ଭୁବନେଶ୍ୱର, ୫।୨(ସମିସ): ଏକାମ୍ର ମହାବିଦ୍ୟାଳୟରେ ଗତ ୨୮ ତାରିଖରୁ ଚଳିତ ମାସ ୫ ତାରିଖ ପର୍ଯ୍ୟନ୍ତ ୮ ଦିନ ବ୍ୟାପୀ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ରାଜଶ୍ରୀ ମହାନ୍ତି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଂଯୋଜିକା ଡ. ସୁଜାତା ମିଶ୍ର ଏବଂ ଡ. ଶୁଭଶ୍ରୀ ପ୍ରିୟଦର୍ଶନୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶକ୍ତିଶ୍ରୀ ସଂଯୋଜିକା ଡ. ନିବେଦିତା ମହାନ୍ତି, ଦିଲ୍ଲୀପ ମଲ୍ଲିକ, ମୋହନ କୁମାର ବଡମୁଣ୍ଡି, ଡ. ଅର୍ଜନା ମହାପାତ୍ର, ଡ. ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପ୍ରଶିକ୍ଷିକା ପୂଜା ସେଠୀ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ବିଷୟରେ ତାଲିମ ଦେଇଥିଲେ।

## ବିଜେବି ୭୪ ବ୍ୟାଚ୍‌ର ବୈଠକ

ଭୁବନେଶ୍ୱର, ୫।୨(ସମିସ): ବକ୍ସି ଜଗବନ୍ଧୁ ବିଦ୍ୟାଧର କଲେଜର ପ୍ରାକ୍ତନ ଛାତ୍ର ସଂଘ ବିଜେବି-୭୪ର ବୈଠକ ସହର ଉପକଣ୍ଠ କାଟେଣି ନିକଟସ୍ଥ ଏକ ଫାର୍ମ ହାଉସରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତି ତାରିଣୀ ପ୍ରସାଦ ମହାନ୍ତି, ସମ୍ପାଦକ କେଦାର ପଟ୍ଟନାୟକ, ସଙ୍ଗଠନ ସମ୍ପାଦକଙ୍କ ପରିଚାଳନାରେ ନିରଞ୍ଜନ ମିଶ୍ର ରହିଥିଲେ। ବିଜେବି ୭୪ର ଶତାଧିକ ପ୍ରାକ୍ତନ ଛାତ୍ରଛାତ୍ରୀ ଏବଂ ଓଡ଼ିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ତଥା ୭୪ ବ୍ୟାଚର ଅଶୋକ ପଣ୍ଡା ଯୋଗ ଦେଇଥିଲେ। କଲେଜରୁ ୧୯୭୦-୭୪ ମସିହାରେ ଅଧ୍ୟୟନ କରୁଥିବା ପ୍ରାୟ ସମସ୍ତ ଛାତ୍ରଛାତ୍ରୀମାନେ ସମାଜରେ ଅବହେଳିତ ଲୋକଙ୍କୁ ସାହାଯ୍ୟ କରିବା, ପଥପ୍ରାନ୍ତ ଓ ଶିକ୍ଷାନୁଷ୍ଠାନରେ ବ୍ୟାପକ ବୃକ୍ଷରୋପଣ, ବିଜେବି କଲେଜରେ ଅଧ୍ୟୟନ କରୁଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଅର୍ଥରାଶି ସାହାଯ୍ୟ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ସମ୍ପାଦକ ଡ. ସୁରେନ୍ଦ୍ର ନାଥ ସ୍ୱାଇଁ, ରାଜକିଶୋର ଚୌଧୁରୀ, ଡ. ନାରାୟଣ ସାହୁ, ଇଂ ଅସୀମାନନ୍ଦ ମହାନ୍ତି, ବିଦ୍ୟୁତ ରାୟ, ତାରା ପଟ୍ଟନାୟକ, ଭବାନୀ ପଟ୍ଟନାୟକ, ବିତ୍ତ ମହାନ୍ତି, ଲକ୍ଷ୍ମୀଧର ଜେନା ପ୍ରମୁଖ ନିଜର କଲେଜ ସମୟର ଅନୁଭୂତି ବର୍ଣ୍ଣନା କରିଥିଲେ।

## ମାର୍ଚ୍ଚ ୨୨ରେ ବିଜେବି ଫ୍ରେଣ୍ଡସ୍‌ର ନିର୍ବାଚନ

ଭୁବନେଶ୍ୱର, ୫।୨(ସମିସ): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱରର ପୁରାତନ ଛାତ୍ରସଂଘ 'ବିଜେବି ଫ୍ରେଣ୍ଡସ୍'ର ବିଭିନ୍ନ କର୍ମକର୍ତ୍ତା ଏବଂ ଏଗଜିକ୍ୟୁଟିଭ କମିଟି ସଦସ୍ୟ ବାଛିବା ନିମନ୍ତେ ଆସନ୍ତା ମାର୍ଚ୍ଚ ୨୨ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ମହାବିଦ୍ୟାଳୟ ପରିସରସ୍ଥିତ ସଂଘର କାର୍ଯ୍ୟାଳୟରେ ଆୟୋଜିତ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଝୁମୁକୀ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଯଥାଶିଘ୍ର କାର୍ଯ୍ୟପନ୍ଥା ଗ୍ରହଣ କରି ବିଭିନ୍ନ କର୍ମକର୍ତ୍ତା ଏବଂ ଏଗଜିକ୍ୟୁଟିଭ କମିଟି ସଦସ୍ୟ ନିର୍ବାଚନ ପରିଚାଳନା, ନିର୍ବାଚନ ଅଧିକାରୀ ମନୋନୟ, ଭୋଟର ତାଲିକା ପ୍ରକାଶନ ଏବଂ ନିର୍ବାଚନ ସୂଚୀ ବିଜ୍ଞାପନ ନିମନ୍ତେ ସ୍ଥିରୀକୃତ ହୋଇଥିଲା। ତେବେ ବିଜେବି ଫ୍ରେଣ୍ଡସ୍‌ର ଆଜୀବନ ସଦସ୍ୟ ବିଶ୍ୱପ୍ରକାଶ ପଟ୍ଟନାୟକ ନିର୍ବାଚନ ପ୍ରକ୍ରିୟାକୁ ସରଳୀକରଣ କରିବା ପାଇଁ ସଂଘର ସମସ୍ତ ସଦସ୍ୟମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## ମଧୁବାବୁଙ୍କ ଉପରେ ଯୁବ ସମ୍ମେଳନ 'ଜଣେ ଓଡ଼ିଆ ଥିଲେ'

ଭୁବନେଶ୍ୱର, ୫।୨(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି ଅବସରରେ ଗୁରୁବାର ଓଡ଼ିଶା କଲଚରାଲ୍ ସର୍କଲ୍ ଓ ଓଡ଼ିଶା ଆମ୍ଭ ପକ୍ଷରୁ ଏକ ଯୁବ ସମ୍ମେଳନ 'ଜଣେ ଓଡ଼ିଆ ଥିଲେ' ସ୍ଥାନୀୟ ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହାର ତୃତୀୟ ସଂସ୍କରଣକୁ ସାହିତ୍ୟିକ ଦାଶ ବେନହୁର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଅମର କୁମାର ନାୟକ ଯୋଗ ଦେଇଥିବା ବେଳେ ପୂର୍ବତନ ଆଇଆରଏସ୍ ଅଧିକାରୀ ସମ୍ବିତ ତ୍ରିପାଠୀ ଓ ଶିକ୍ଷାବିତ୍ ତଥା ଡିଏସବିଏମ୍ ଅଧ୍ୟକ୍ଷ ଡ. ଡି ଏନ୍ ମିଶ୍ର ଯୋଗ ଦେଇଥିଲେ। ଓଡ଼ିଶା କଲଚରାଲ୍ ସର୍କଲ୍‌ର ଉପାଧ୍ୟକ୍ଷ ଡ. ଜେନାମଣି ସଞ୍ଜୀବ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ସମ୍ପାଦକ ଚୌଧୁରୀ ଅମିତାଭ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର କର୍ମକର୍ତ୍ତା ବିମଳ ଦାସ, ବିଶ୍ୱରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ। ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାଶ ଓ ରାମଚଣ୍ଡୀ ପ୍ରସାଦ ରଣସିଂହ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ଛାତ୍ରୀ ଆଦିଶ୍ୟା ମହାପାତ୍ର ଏହି ଅଧିବେଶନକୁ ସଂଯୋଜନା କରିଥିଲେ।

## ଲିଙ୍ଗରାଜ ସାଂସ୍କୃତିକ ପରିଷଦ ପକ୍ଷରୁ ଶୋକସଭା



ଭୁବନେଶ୍ୱର, ୫।୨(ସମିସ): ଶ୍ରୀଲିଙ୍ଗରାଜ ସାଂସ୍କୃତିକ ପରିଷଦ, ଭୁବନେଶ୍ୱର ପକ୍ଷରୁ ଲିଙ୍ଗରାଜ ଭଜନ ମଣ୍ଡପଠାରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗର, ଅଭିଜିତ୍ ମଜୁମଦାର ଏବଂ ସୀତାର ବାଦକ ରବିଶଙ୍କର ପ୍ରଧାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ସମୂହ ଦୀପଦାନ ଓ ଶୋକସଭା ପାଳିତ ହୋଇଯାଇଛି। ନିକଟ ଅତୀତରେ ଓଡ଼ିଶା ଏହାର ଦୁଇ ସଙ୍ଗୀତ ତାରକାଙ୍କୁ ହରାଇଥିଲା। ତେଣୁ ସେମାନଙ୍କୁ ସଭାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି ସଭାରେ ଓଡ଼ିଶାର ଅନେକ ପ୍ରତିଷ୍ଠିତ କଳାକାର ଏବଂ ସଙ୍ଗୀତଜ୍ଞମାନେ ଉପସ୍ଥିତ ରହିଥିଲେ। ଶ୍ରୀ ଶ୍ରୀ ଲିଙ୍ଗରାଜ ସାଂସ୍କୃତିକ ପରିଷଦର ସମ୍ପାଦକ ସଚିନ ରଥଙ୍କ ସମେତ ପରିଷଦର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୪ରୁ ତୋଷାଳି ସ୍ୱଦେଶୀ ମେଳା

● ଏକାମ୍ର ହାଟରୁ ଗଡ଼ିଲା ପ୍ରଚାର ରଥ

ଭୁବନେଶ୍ୱର, ୫।୨(ସମିସ): ଚଳିତ ମାସ ୧୪ ତାରିଖରୁ ସ୍ଥାନୀୟ ଜନତା ମଇଦାନଠାରେ ଆରମ୍ଭ ହେବ ୨୦ ତମ ତୋଷାଳି ସ୍ୱଦେଶୀ ମେଳା-୨୦୨୬। ଫେବୃଆରୀ ୨୬ ତାରିଖ ଯାଏ ଆୟୋଜନ ହେବାକୁ ଥିବା ଏହି ମେଳାର ଚଳିତ ବର୍ଷର ଥିମ୍ ରହିଛି ସ୍ୱଦେଶୀ ଏବଂ ଆତ୍ମନିର୍ଭର। ଏଥର ମେଳାରେ ମୋଟ ୮୪୦ଟି ଷ୍ଟଲ ରହିବ। ଏହି ଉପଲକ୍ଷେ ଶୁକ୍ରବାର ସ୍ଥାନୀୟ ଏକାମ୍ର ହାଟ ଠାରୁ ପ୍ରଚାର ରଥ ଗଡ଼ିଛି। ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଶୁଭାରମ୍ଭ କରିଥିବା ଏହି ପ୍ରଚାର ରଥ କଟକ, ଭୁବନେଶ୍ୱର, ପୁରୀ, ସମ୍ବଲପୁର, ବ୍ରହ୍ମପୁର ପ୍ରମୁଖ ସହର ପରିକ୍ରମା କରିବ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ପଦ୍ମଶ୍ରୀ ଇଲିଆନା ସିତାରିଷ୍ଟି, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧରୀ, ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## 'ସହାୟ'ର ପରିଚାଳନା କମିଟି ବୈଠକ

ଭୁବନେଶ୍ୱର, ୫।୨(ସମିସ): 'ସହାୟ'ର ପରିଚାଳନା କମିଟି ବୈଠକ କ୍ୟାପିଟାଲ ହସ୍ପିଟାଲର (ଏସଆଇଡିଆର) କ୍ୟାମ୍ପସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ (ଏସଏସଇପିଡି) ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅଧ୍ୟକ୍ଷତା କରିଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ଆର.ଏସ୍. ଗୋପାଳନଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। 'ସହାୟ'ର ଅବୈତନିକ ସଚିବ ମୃଣାଳିନୀ ପାଢ଼ୀ, ସହାୟର କୋଷାଧ୍ୟକ୍ଷ ଇନା ପୁରୋହିତ ପମୁଖ ପରିଚାଳନା କରିଥିଲେ।

## ଉତ୍କଳ ରାଇଜିଂ ଷ୍ଟାର୍ ଚାମ୍ପିଅନ




ଭୁବନେଶ୍ୱର, ୫।୨ (ସମିସ): ଓଡ଼ିଶା କପ୍ ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ୟୁଏଇ ଆନୁକୂଲ୍ୟରେ ଦୁବାଇରେ ଆୟୋଜିତ ଓଡ଼ିଶା କପ୍‌ର ୧୨ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉତ୍କଳ ରାଇଜିଂ ଷ୍ଟାର ଚାମ୍ପିଅନ ହୋଇଛି। ଫାଇନାଲରେ କଳିଙ୍ଗ ୱାରିୟର୍ସ ଓ ଉତ୍କଳ ରାଇଜିଂ ସାମ୍ନାସାମ୍ନି ହୋଇଥିଲେ। ଉତ୍କଳ ପ୍ରଥମେ ବ୍ୟାଟିଂ କରି ସମସ୍ତ ୱିକେଟ୍ ହରାଇ ୧୨୭ ରନ କରିଥିଲା। ଜବାବରେ କଳିଙ୍ଗ ୱାରିୟର୍ସ ୯ ୱିକେଟ୍‌ରେ ୧୦୨ ରନ କରି ପରାସ୍ତ ହୋଇଥିଲା। ରାଜେନ୍ଦ୍ର ପଲାଇ ଫାଇନାଲର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ଅଭିନେତ୍ରୀ ଶିବାନୀ ସଙ୍ଗୀତା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା କପ୍‌ର ଉପଦେଷ୍ଟା ପ୍ରିୟଦର୍ଶୀ ପାଣିଗ୍ରାହୀ, ରଜତ ରଥ, ସମ୍ଭ୍ରମ ପଟ୍ଟନାୟକ, ଅବନୀକାନ୍ତ ପାତ୍ର, ଚିନ୍ମୟ ଜେନା, ଆଶିଷ ନାୟକ, ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଓୟୁଟିଆର୍‌ରେ ଟେକ୍ନିକାଲ ଫେଷ୍ଟ 'ପରସେପ୍ସନ'



ଭୁବନେଶ୍ୱର, ୫।୨(ସମିସ): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ରେ ବାର୍ଷିକ ଟେକ୍ନିକାଲ ଫେଷ୍ଟ 'ପରସେପ୍ସନ' ଗୁରୁବାର ଠାରୁ ଆରମ୍ଭ ହୋଇଛି। ତିନି ଦିନ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଉତ୍ସବକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ନବୋନ୍ମେଷ, ଶିକ୍ଷା ଓ ନିଷ୍ଠା ମାଧ୍ୟମରେ ପ୍ରଯୁକ୍ତି କ୍ଷେତ୍ରକୁ ଆଗେଇ ନେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହାସହ ଶୃଙ୍ଖଳା ଓ ଉତ୍ସର୍ଗିକୃତ ମନୋଭାବ ରଖି ବିଦ୍ୟାର୍ଥୀଙ୍କ ବ୍ୟକ୍ତିତ୍ୱକୁ ଶିଖରରେ ପହଞ୍ଚାଇବାକୁ ପ୍ରେରଣା ଦେଇଛନ୍ତି। ଡିନ୍ ପ୍ରଫେସର ଜିବିତେଶ ମିଶ୍ର ଓ ପ୍ରଫେସର ରଞ୍ଜନ କୁମାର ଜେନାଙ୍କ ସମେତ ଓୟୁଟିଆର୍ ଟେକ୍ନିକାଲ ଟିମ୍‌ର ମୁଖ୍ୟ ଅଧ୍ୟାପିକା ରଶ୍ମିତା ରାଉତରାୟ, ଅଧ୍ୟାପକ ସାନ୍ତନୁ ସେନ ପ୍ରମୁଖ ଉପସ୍ଥିତ ରହି ଛାତରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଛନ୍ତି। ପ୍ରଥମ ଦିନରେ ଗଣିତଜ୍ଞ ଡ. ଗଜେନ୍ଦ୍ର ପୁରୋହିତ ଏକ ଅଧିବେସନରେ ପ୍ରଯୁକ୍ତି, କ୍ୟାରିୟର ଓ ସମସ୍ୟା ସମାଧାନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିଛନ୍ତି। ଏହି ଟେକ୍ନିକାଲ ଫେଷ୍ଟରେ ରୋବୋଟ ଫାଇଟିଂ, ଡ୍ରୋନ୍ ଫାଇଟିଂ ଏବଂ ଡ୍ରୋନ୍ ଶୋ, କୋଡିଂ ହ୍ୟାକାଥନ୍, ଇଲେକ୍ଟ୍ରୋନିକ୍ସ ଡିଜାଇନ୍ ଚ୍ୟାଲେଞ୍ଜ, ଇନୋଭେସନ୍ ଏକ୍ସପୋ, ଟେକ୍ କ୍ୱିଜ୍ ଏବଂ ଅନେକ ଆଧୁନିକ ପ୍ରଯୁକ୍ତି ଭିତ୍ତିକ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

## ବିଶ୍ୱ କର୍କଟ ଦିବସ ଉପଲକ୍ଷେ ସଚେତନତା




ଭୁବନେଶ୍ୱର,୫।୨(ସମିସ): ବିଶ୍ୱ କର୍କଟ ଦିବସ ଅବସରରେ ସାମାଜିକ ଅନୁଷ୍ଠାନ ମଦର ପକ୍ଷରୁ ଏକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମହାତ୍ମାଗାନ୍ଧୀ ମାର୍ଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟମାନେ କର୍କଟ ରୋଗ ବିଷୟରେ ସୂଚନାତ୍ମକ ପ୍ରଦର୍ଶନ କରିଥିଲେ। ଏଥିରେ ଅନୁଷ୍ଠାନର ସମ୍ପାଦିକା ସସ୍ମିତା ଦାସ, ମଦର ଅନୁଷ୍ଠାନର ମୁଖ୍ୟ ପରିଚାଳକ ପ୍ରମୋଦ ଦାସ, କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତା ପ୍ରଶାନ୍ତ ରାଉତରାୟ, ମଣ୍ଟୁ ମଲ୍ଲିକ, ଦିପ୍ତୀଶ୍ରୀ ନାୟକ, ନବକାନ୍ତି ମାଝୀ ପ୍ରମୁଖ ଯୋଗ ଦେଇଥିଲେ।

## କ୍ରାନ୍ତିକାରୀ ଫାଉଣ୍ଡେସନ୍ ପକ୍ଷରୁ କ୍ୟାନ୍‌ସର ସଚେତନତା

ଭୁବନେଶ୍ୱର,୫।୨(ସମିସ): ବିଶ୍ୱ କର୍କଟ ଦିବସ ଅବସରରେ କ୍ରାନ୍ତିକାରୀ ଫାଉଣ୍ଡେସନ୍ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଏକ କ୍ୟାନସର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କ୍ରାନ୍ତିକାରୀ ଫାଉଣ୍ଡେସନର ଅଧ୍ୟକ୍ଷ ନଳିନୀକାନ୍ତ ନାୟକ ଯୋଗ ଦେଇଥିବାବେଳେ ବିଶ୍ୱ କ୍ୟାନସର ଦିବସରେ ଅନୁଷ୍ଠାନ ପକ୍ଷରୁ 'ନିଶା ଛାଡନ୍ତୁ ସମାଜ ଗଢ଼ନ୍ତୁ, ନିଶା ଛାଡନ୍ତୁ ଜୀବନ ବଞ୍ଚାନ୍ତୁ' ନାରା ଦିଆଯାଇ ସଭିଙ୍କୁ ସଚେତନ କରାଇ ନିଶାଠାରୁ ଦୂରେଇ ରହିବାକୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମାଜିକକର୍ମୀ ମୀର ଅହମ୍ମଦ ଅଲ୍ଲୀ, ସୁଦାମ ପ୍ରଧାନ, ତାପସ ଦେ, ପ୍ରଜ୍ଞା ପରମିତା ମହାନ୍ତି, ମନସ୍ତୃପ୍ତି ମହାପାତ୍ର, ପୂର୍ଣ୍ଣିମ ନାୟକ ସମେତ ଅନେକ ଛାତ୍ରଛାତ୍ରୀ ଓ ସାମାଜିକ କର୍ମୀମାନେ ଉପସ୍ଥିତ ରହିଥିଲେ।

## ମାଟି, ବିହନ ଏବଂ ପରିବେଶ ସୁରକ୍ଷା ସମ୍ପର୍କିତ ରାଜ୍ୟସ୍ତରୀୟ ସମ୍ମିଳନୀ



ଭୁବନେଶ୍ୱର, ୫।୨ (ସମିସ): ଭୁବନେଶ୍ୱରର ଆଇଗିଣିଆସ୍ଥିତ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର ଠାରେ 'ଅଗ୍ରଗାମୀ' ତରଫରୁ ତିନିଦିନିଆ 'ମାଟି, ବିହନ ଏବଂ ପରିବେଶ ସୁରକ୍ଷା ସମ୍ପର୍କିତ ରାଜ୍ୟସ୍ତରୀୟ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଗ୍ରଗାମୀ ଯୁଗ୍ମନିର୍ଦ୍ଦେଶକ ବିଦ୍ୟା ଦାସ, ନିର୍ଦ୍ଦେଶକ ଅଚ୍ୟୁତ ଦାସ, ଡ଼. ଅରବିନ୍ଦ ବେହେରା, ଅବସରପ୍ରାପ୍ତ ଆଇଏସ୍, ପ୍ରଫେସର ଆର.ପି ମହାନ୍ତି, ପ୍ରଫେସର ମନ୍ମଥ କୁଣ୍ଡୁ, ସୁରେଶ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଆଇଏସ୍, ପ୍ରମୁଖ ସମ୍ମିଳନୀରେ ମତବ୍ୟକ୍ତ କରିଛନ୍ତି। ବାଙ୍ଗାଲୋରସ୍ଥିତ ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହର୍ଟିକଲଚର୍ର ଡ. ତୁଷାରକାନ୍ତ ବେହେରା ଆଭାସି ମାଧ୍ୟମରେ ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ।

## ପ୍ରସନ୍ନ ଫାଉଣ୍ଡେସନ୍‌ର ଟ୍ରଷ୍ଟ ପକ୍ଷରୁ 'ସମଝୋ ତୋ'

ଭୁବନେଶ୍ୱର, ୫।୨(ସମିସ): ପ୍ରସନ୍ନ ଫାଉଣ୍ଡେସନ୍‌ର ଟ୍ରଷ୍ଟ ଆନୁକୂଲ୍ୟରେ ଯୁବନେତୃତ୍ୱ ଶିବିର 'ସମଝୋ ତୋ' ଆରମ୍ଭ ହେଇଯାଇଛି। ଏହି ୯ ମାସିଆ ଶିବିରରେ ଭୁବନେଶ୍ୱରର ସରକାରୀ ଉଚ୍ଚ ବିଦ୍ୟାଳୟ ଚନ୍ଦ୍ରଶେଖରପୁର ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ପଳାଶୁଣୀର ଛାତ୍ରଛାତ୍ରୀଙ୍କୁ ସାମିଲ କରାଯିବ। ଯୁବକମାନଙ୍କୁ ଦେଶର ସମ୍ବିଧାନ ବିଷୟରେ ଜ୍ଞାନ, ପିଲାମାନଙ୍କୁ ମୋବାଇଲ୍‌ରୁ ଦୁରେଇ ରହି ସମାଜର ହିତରେ କାର୍ଯ୍ୟ କରିବା ପାଇଁ ଏକ ସଚେତନ କରାଇବା ଶିବିରର ମୂଳ ଲକ୍ଷ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ମନ୍ଦିର ପାରିପାର୍ଶ୍ୱିକ ଉନ୍ନତୀକରଣ ଓ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଶୁଭାରମ୍ଭ

ବାଲିଅନ୍ତା, ୫।୨(ସମିସ): ବାଲିଅନ୍ତା ବ୍ଲକ ଉମାଦେଇ ବ୍ରହ୍ମପୁର ପଞ୍ଚାୟତ ଅଧୀନ ଟଙ୍କପାଣି ଗ୍ରାମର ମା' ଟଙ୍କପାଣି ମନ୍ଦିର ପାରିପାର୍ଶିକ ଉନ୍ନତୀକରଣ ଓ ଏହାର ପରିସରରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଆଜି ଉଦଘାଟିତ ହୋଇଯାଇଛି। ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ୧୭ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା କୁନମୁନ ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରକଳ୍ପ ଦ୍ୱୟର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ରନେତା ବ୍ରହ୍ମଲାଭ ହରିଚନ୍ଦନ ମହାପାତ୍ର, ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ବାଲିଅନ୍ତା ବ୍ଲକ ବିଜେଡି ସଭାପତି ପ୍ରଦୀପ୍ତ ଜେନାମଣି, ଜୟକୃଷ୍ଣ ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ଅନୁପମା ମାର୍ଥା, ମନ୍ଦିର ପରିଚାଳନା କମିଟିର ମୁଖ୍ୟ ରମେଶ ମହାପାତ୍ର, ମହେନ୍ଦ୍ର କୁମାର ପଣ୍ଡା ଓ ବରିଷ୍ଠ ସେବାୟତ ନରେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



